# Akashvani, Sambalpur

# SAMBALPURI NEWS BULLETIN

## 14 November 2024- 6.47- 6.52 am.

*********************************************

ରାଜ୍ୟ କେବିନେଟ- ବୈଠକ୍ ଆର୍ଏନ୍ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ଗୁଟେ ବୈଠକ୍ ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ହେଇଯାଇଛେ । ଇ ବୈଠକ୍‌ଥି ୮ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ । ଇତାର୍‌ଭିତ୍‌ରେ ୫ ଟା ପ୍ରସ୍ତାବ୍ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ବିଭାଗ୍, ଗୁଟେ ଜଲ୍‌ସମ୍ପଦ୍ ବିଭାଗ୍, ଗୁଟେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ଆର୍ ୧୭ ନମ୍ବର୍ ବିଧାନ୍‌ସଭାର୍ ଆଏବା ୨ ନମ୍ବର୍ ଅଧିବେଶନ୍ ହେବାର୍ ଉପ୍‌ରେ ପ୍ରସ୍ତାବ୍‌କେ କେବିନେଟ୍ ମଞ୍ଜୁରୀ ଦେଇଛେ । ଇ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ, ରାଜ୍ୟର୍ ଚାଷୀମାନ୍‌କର୍ ଲାଗି ଅଏତ୍‌କା ଦେଢ଼୍‌ଲାଖ୍ ଏକଡ଼୍ ଜମିକେ ପାଏନ୍ ମଡ଼ାବାର୍, ମାଛ୍‌ଚାଷ୍, କୁକୁଡ଼ା ପାଲନ୍ ଆର୍ ଗୋ ସମ୍ପଦ୍ ବଢ଼ାବାର୍ ଲାଗି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେଇଛନ୍ । ଇ ବାବ୍‌ଦେ ମୋଟ୍ ୧୪

ହଜାର୍ ୪ ଶହ ୧୦ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି କେବିନେଟ୍ ନିଷ୍ପତି ନେଇଛେ । ରାଜ୍ୟର୍ ସେଚାଂଚଲର୍ ଉନ୍ନତି ଲାଗି ରାଜ୍ୟ ସର୍କାର୍ ଜଲକ୍ଷେତ୍ର ଭୂତିଭୂମି ଉନ୍ନୟନ୍ କାର୍ଯ୍ୟକ୍ରମ୍ ଯୋଜ୍ନାକେ ଆଉ ୫ ବଛର୍ ବଢ଼େଇଛନ୍ । ସେନ୍ତା ଚାଷୀମାନ୍କର୍ ଆୟ ବଢ଼ାବାର୍କେ ସର୍କାର୍ ମାଛ୍ ଚାଷ୍ ସହେତେ ପ୍ରାଣୀ ସମ୍ପଦ୍ ପାଲନ୍କେ ପ୍ରୋତ୍ସାହିତ୍ କର୍ବେ ।

ଇଥିର୍ଲାଗି ମୁଖ୍ୟମନ୍ତ୍ରୀ କଲ୍ୟାଣ୍ ଯୋଜ୍ନାକେ ଅନୁମୋଦନ୍ ମିଲିଛେ । ପ୍ରାଣୀ ସମ୍ପଦ୍ ସମୃଦ୍ଧି ଯୋଜ୍ନାଥି କୁକୁଡ଼ା ଆର୍ ବତକ୍ ପାଲନ୍କେ ତହଁକାବାର୍ ଲାଗି ରାଜ୍ୟ କେବିନେଟ୍ କୁକ୍କୁଟ ଉନ୍ନୟନ ଉପଯୋଜନାକେ ମଞ୍ଜୁରୀ ଦେଇଛେ । ସେନ୍ତା ପ୍ରାଣୀଧନର ସୁରକ୍ଷାକେ ନଜର୍ଥି ରଖିକରି ସର୍କାର୍ ଗୋମାତା ଯୋଜ୍ନା କାର୍ଯ୍ୟକାରୀ କର୍ବେ ।

## ଓଡ଼ିଶା ସାର୍ବଜନୀନ ପରୀକ୍ଷା ଆଇନ୍-୨୦୨୪

ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟ ସର୍କାର୍ ନିଯୁକ୍ତି ପରୀକ୍ଷାଥି ଅନିୟମିତତା ଆଉ ବିଶୃଙ୍ଖଲା ରୁକ୍ବାର୍କେ ଓଡ଼ିଶା ସାର୍ବଜନୀନ ପରୀକ୍ଷା ଆଇନ୍-୨୦୨୪ ପ୍ରଣୟନ୍ କର୍ବେ । ଇ ବାବଦ୍ ପ୍ରସ୍ତାବ୍କେ କେବିନେଟ୍ର

ମଞ୍ଜୁରୀ ମିଲିଛେ । ଇ ଆଇନ୍ ଓପିଏସ୍‌ସି, ଓଏସ୍‌ଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି, ସର୍ଭିସ୍ ସିଲେକ୍ସନ୍ ବୋର୍ଡ୍, ପୁଲିସ୍ ସିଲେକ୍ସନ୍ ବୋର୍ଡ୍, ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ୍ ଆର୍ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଲାଗି ଇ ଆଇନ୍ ଲାଗୁ କରାଯିବା । ପରୀକ୍ଷା ମାନ୍‌କେ ପୁରାପୁରି ସ୍ୱଚ୍ଛ ଆଉ ନିରପେକ୍ଷ କର୍‌ବାର୍‌କେ ଇ ନିଷ୍ପତି ନିଆଯାଇଛେ । ନିୟମ୍‌କେ ଉଲ୍ଲଂଘନ୍ କଲେ ୩ ନୁ ୫ ବଛର୍‌ତକ୍ ଜେଲ୍ ଆର୍ ୧୦ ଲାଖ୍ ଟଙ୍କାତକ୍ ଜରିମାନାଥି ଦଣ୍ଡିତ ହେବାର୍ ପ୍ରାବଧାନ୍ ରହିଛେ ।

ଶିଶୁଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆଉ ଦେଶର୍ ଆଘର୍ ପ୍ରଧାନ୍‌ମନ୍ତ୍ରୀ ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁଙ୍କର୍ ଆଏଜ୍ ଜନମ୍‌ଦିନ୍ । ଛୁଆମାନ୍‌କର୍ ଲାଗି ତାଁକର୍ ବିରଳ ଶ୍ରଦ୍ଧାକେ ସୋର୍ କର୍‌ବାର୍ ଲାଗି ଫି ବଛର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ସହେତେ ଛୁଆମାନ୍‌କର୍ ସାଙ୍ଗେ ଜଡ଼ିତ୍ ଥିବା ଅଲ୍‌ଗା ଅନୁଷ୍ଠାନ୍ ମାନ୍‌କେ ତାଁକର୍ ଜନମ୍‌ଦିନ୍‌କେ ଶିଶୁ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ । ପଣ୍ଡିତ୍ ଜବାହର୍‌ଲାଲ୍ ନେହେରୁ ଛୁଆମାନ୍‌କୁ ଦେଶର୍ ଭବିଷ୍ୟତ୍ ବଲି କହେବାର୍ ସହେତେ

ଏଛେନ୍ ଛୁଆମାନ୍‌କୁ ଯେନ୍ତା ଗଢ଼୍‌ମା, ସେମାନେ ଆମର୍ ଦେଶର୍ ଭବିଷ୍ୟତ୍‌କେ ସେନ୍ତା ଗଢ଼୍‌ବେ ବଲି ଚିନ୍ତା କରୁଥିଲେ ।
ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟର୍ ଛୁଆମାନ୍‌କୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ ।

ଧାନ୍ ଘିନା- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା ଧାନ୍ ଘିନା ବ୍ୟବସ୍ଥାକେ ସୁବ୍ୟବସ୍ଥିତ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଆଭାସୀ ଜରିଏ ଗଲାକାଏଲ୍ ଆଲୋଚନା କରିଛନ୍ । ବୈଠକ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏବା ୨୦ ତାରିଖ୍‌ନୁ ବର୍‌ଗଡ଼୍ ଜିଲ୍ଲା ନ ଧାନ୍ ଘିନା କାମ୍ ମୁଲ୍ ହେବା । ୨୨ ତାରିଖ୍‌ନୁ ସମ୍ବଲ୍‌ପୁର୍ ଆର୍ ଇତାର୍‌ଉତ୍‌ରୁ ରାଜ୍ୟର୍ ସବୁ ଜିଲ୍ଲା ନ ଧାନ୍ ଘିନା ପ୍ରକ୍ରିୟା ମୁଲ୍ କରାଯିବା । ନଭେମ୍ବର୍ ୨୦ ତାରିଖ୍‌ନୁ ଡିସେମ୍ବର୍ ୭ ତାରିଖ୍ ଭିତ୍‌ରେ ଧାନର୍ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ୍ ପିଛା ୨୩ ଶହ ଟଙ୍କା ଦିଆଯିବା । ଡିସେମ୍ବର୍ ୮ ତାରିଖ୍ ଦିନ ବର୍‌ଗଡ଼୍ ଜିଲ୍ଲା ସୋହେଲା ଠାନେ ଗୁଟେ ରାଜ୍ୟସ୍ତରୀୟ କୃଷକ୍ ସମାବେଶ୍ ଆୟୋଜନ୍ କରାଯିବା । ଇଥି ମୁଖ୍ୟମନ୍ତ୍ରୀ

ମୋହନ୍ ଚରଣ୍ ମାଝୀ ଚାଷୀମାନ୍କୁ ଧାନ୍‌ର କ୍ୱିଂଟାଲ୍ ପିଛା ଅତିରିକ୍ତ ୮ ଶହ ଟଙ୍କା ଦେବେ । ସେଆଡ଼େ ଚାଷୀମାନ୍କୁ ଟୋକନ୍ ବାଂଟ୍‌ବାର୍‌ଟା ଆଏବା କାଏଲ୍‌ନୁ ମୁଲ୍ ହେଉଛେ ବଲି ସୂଚ୍‌ନା ମିଲିଛେ । ଖାସ୍ କରି ପଡ଼ୋଶୀ ରାଜ୍ୟ ସାଙ୍ଗେ ଲାଗି ରହିଥିବା ଜିଲ୍ଲାମାନ୍‌କେ ଯେନ୍ତା ବାହାର ରାଜ୍ୟର୍ ଧାନ୍ ନାଇଁ ପଶ୍‌ବା ସେଥିର୍‌ଲାଗି ଜିଲ୍ଲାପାଲ୍‌ମାନେ ନିଜେ ନଜର୍ ରଖ୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ମନ୍ତ୍ରୀସ୍ତରୀୟ କମିଟି ଗଠନ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଭିନ୍ ଭିନ୍ ରାଜ୍ୟ ସାଙ୍ଗେ ଓଡ଼ିଶାର ଥିବା ବିବାଦ୍ ମାନ୍‌କର୍ ସମାଧାନ୍ ଲାଗି ଗୁଟେ ମନ୍ତ୍ରୀସ୍ତରୀୟ କମିଟି ଗଠନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ହେଇଥିବା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଇ ବୈଠକ୍‌ଥି ଭିନ୍ ଭିନ୍ ଆନ୍ତଃରାଜ୍ୟ ବିବାଦ୍ ବାବ୍‌ଦେ ଆଲୋଚନା କରାଯାଇଛେ । ଖାସ୍ କରି ପୋଲାଭରମ୍, ବଂଶଧାରା, ମହାନଦୀ, କୋଟିଆ ଆର୍ ଅଲ୍‌ଗା ଭିନ୍ ଭିନ୍ ସମସ୍ୟା ଉପ୍‌ରେ ଆଲୋଚନା ହେଇଥିଲା ।

ମନ୍ତ୍ରୀ-ବିଜ୍‌ନେସ୍ କ୍ଲାସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଏତ୍‌କେ ରାଜ୍ୟର୍ ମନ୍ତ୍ରୀମାନେ ବିଜ୍‌ନେସ୍ କ୍ଲାସ୍‌ଥି ବିମାନ୍ ଯାତ୍ରା କରିପାର୍‌ବେ । ରାଜ୍ୟର୍ କେବିନେଟ୍ ଆର୍ ରାଷ୍ଟ୍ର ପାହ୍ୟାର୍ ମନ୍ତ୍ରୀମାନେ ଇ ଯାତ୍ରା କରିପାର୍‌ବେ ବଲି ରାଜ୍ୟ ସଂସଦୀୟ ବ୍ୟାପାର୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଖାଲି ସର୍‌କାରୀ କାମ୍‌ଥି ଯାଉଥିବାର୍ ବେଲେ ମନ୍ତ୍ରୀମାନେ ଇ ସୁବିଧା ପାଇପାର୍‌ବେ ।

ଚିନ୍ତନ୍ ଶିବିର ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ତର୍‌ଫୁ ଭୁବ୍‌ନେଶ୍ୱର୍ ଆଇଟିସି ଠାନେ ଆଏଜ୍ ଆର୍ ଆଏବା କାଏଲ୍ ଦୁଇଦିନିଆ ଚିନ୍ତନ୍ ଶିବିର ଆୟୋଜନ୍ ହେଉଛେ । ଆଏଜ୍ ସଖାଲ୍‌ବେଲା କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଶିବିରଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାୟକ, ରାଜ୍ୟ ଶକ୍ତିମନ୍ତ୍ରୀ କନକ୍

ବର୍ଦ୍ଧନ୍ ସିଂହଦେଓ ଆର୍ ଏମ୍.ଏନ୍.ଆର୍.ଇ ସଚିବ ପ୍ରଶାନ୍ତ କୁମାର୍ ସିଂ ଯୋଗ୍ ଦେବେ । ୨୦୩୦ ମସିହାତକ୍ ୫ ଶହ ଗିଗାୱାଟ୍ ଲକ୍ଷ୍ୟ ହାସଲ୍ କର୍ବାର୍ ଆଉ ୨୦୪୭ ତକ୍ ୧୮ ଶହ ଗିଗାୱାଟ୍ର ପରବର୍ତୀ ଲକ୍ଷ୍ୟ ହାସଲ୍ ଦିଗେ ଇ କାର୍ଯ୍ୟକ୍ରମ୍ଥି ଆଲୋଚନା କରାଯିବା ।

ଭିସୁଟ୍- କର୍ମଶାଳା ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲା ବୁର୍ଲା ର ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍ ନ ସିଭିଲ୍ ଇଞ୍ଜିନିୟରିଂ ବିଭାଗ୍ଥି ଆମେରିକାର ରିଭର୍ସ ଅଫ୍ ବଲ୍କ ସଂସ୍ଥା ତର୍ଫୁ ଅନ୍ତର୍ଜାତୀୟ କର୍ମଶାଳା ଗଲାକାଏଲ୍ ହେଇଯାଇଛେ । ଇ କର୍ମଶାଳାଥି ପୁର୍ଥିର୍ ଜଳସମ୍ପଦ୍ର ଗୁଟେ ସାଧାରଣ ଚିତ୍ର ଅନୁଧାନ୍ କରାଯାଇଥିଲା । ଯେନ୍ଥି ଜଳର ଉପଲବ୍ଧତା, ବାଂଟ୍ବାର୍ ପ୍ରକ୍ରିୟା, ଗୁଣବତା ଆର୍ ବେଭାର୍ ବାବ୍ଦେ ବିଶ୍ଲେଷଣ କରାଯାଇଛେ । ଇ କର୍ମଶାଳାଥି ଭିସୁଟ୍ର ଭାରପ୍ରାପ୍ତ କୁଳପତି ପ୍ରଫେସର ବିଭୂତି ଭୂଷଣ ପତି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।